Edited by Foxit Reader
Copyright(C) by Foxit Software Company,2005-2006
For Evaluation Only.

DHARITRI.COM

Vol VIII Issue No.83 Sunday, 25 March 2007



ROYALEN GARDEN
Looking **Property** in Orissa
gharabari.com



home || next

# କେନ୍ଦ୍ରର ଉପେକ୍ଷା ବିରୋଧରେ ସ୍ୱର

Click to enlarge text: A A A A

ନୂଆଦିଲ୍ଲୀ, ୨୪।୩ (ସ୍ୱ.ପ୍ର.)-ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ କାଲାମଙ୍କ ଅଭିଭାଷଣ ସହିତ ଆରମ୍ଭ ହୋଇଥିବା ପାର୍ଲାମେଂଟର ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ବୁଧବାର ସମାପ୍ତ ହୋଇଯାଇଛି । ଏହି ପର୍ଯ୍ୟାୟରେ ଉଭୟ ଲୋକସଭା ଓ ରାଜ୍ୟସଭା ୧୯ ଦିନ ବସିବାର ଥିଲା । କିନ୍ତୁ କ୍ୱାତ୍ରୋଚ୍ଚି ମାମଲା ଏବଂ ପଶ୍ଚିମବଙ୍ଗ ନନ୍ଦିଗ୍ରାମରେ ପୋଲିସ ଗୁଳିଚାଳନାରେ ୧୫ଜଣ କୃଷକଙ୍କ ମୃତ୍ୟୁଘଟଣା ଯୋଗୁ ବିରୋଧୀ ପକ୍ଷ ଏନ.ଡି.ଏ. ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିବା ଫଳରେ ଉଭୟ ଗୃହର କାର୍ଯ୍ୟ ସାତଦିନ ଧରି ବ୍ୟାହତ ହୋଇଥିଲା ।

ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ଓଡିଶାର ବହୁ ଏମ.ପି. କୌଣସି ଆଲୋଚନାରେ ଭାଗ ନେଇ ନ ଥିଲେ କିମ୍ବା ରାଜ୍ୟର କୌଣସି ପ୍ରସଙ୍ଗ ଉଠାଇ ନ ଥିଲେ । ଓଡିଶାରେ ଆଇଆଇଟି ସ୍ଥାପନ ନେଇ ବିଜେଡି-ଭାଜପା ପକ୍ଷରୁ ଏକ ଧ୍ୟାନ ଆକର୍ଷଣ ପ୍ରସ୍ତାବ ପାଇଁ ଲୋକସଭାରେ ନୋଟିସ ଦିଆଯାଇଥିଲା । ବାଚସ୍ପତି ସୋମନାଥ ଚାଟାର୍ଜୀ ମଧ୍ୟ ଏହାକୁ ସ୍ୱୀକୃତି ପ୍ରଦାନ କରିଥିଲେ । ତେବେ ଏହା ଗୃହର କାର୍ଯ୍ୟରେ ସାମିଲ ହୋଇପାରି ନ ଥିଲା । ବିଜେଡି ଓ ଭାଜପା ଏମ.ପି.ମାନେ ସାଧାରଣ ଓ ରେଳ ବଜେଟରେ ଓଡିଶାକୁ ଉପେକ୍ଷା କରାଯାଇଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ୨୦୦୭-୦୮ ଅର୍ଥ ବଜେଟ ଆଲୋଚନାରେ ବିଜେଡିର ତଥାଗତ ସତପଥୀ ଏବଂ ଭାଜପାର ଖାରବେଳ ସ୍ୱାଇଁ ଭାଗନେଇ ଉପା ସରକାର ଦରଦାମ ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବାରୁ କଡା ଭାଷାରେ ସମାଲୋଚନା କରିଥିଲେ । ଶ୍ରୀ ସତପଥୀ ଅଭିଯୋଗ କରିଥିଲେ ଯେ, ଅର୍ଥମନ୍ତ୍ରୀ ପୁନର୍ବାର ଓଡିଶାକୁ ଅବହେଳା କରିଛନ୍ତି ଏବଂ ତାଙ୍କ ମାନଚିତ୍ରରେ ଓଡିଶାର ସ୍ଥାନ ନାହିଁ । ଶ୍ରୀ ସ୍ୱାଇଁ ଓଡିଶାରେ ଆଇଆଇଟି ସ୍ଥାପନ, କୋଇଲା ଓ ଅନ୍ୟ ଖଣିଜ ପଦାର୍ଥର ରୟାଲଟି ବୃଦ୍ଧି ଏବଂ ଭୁବନେଶ୍ୱର ଏମ୍ସ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ନେଇ

home || next

**New York Times Newspaper**
Stay Informed! Fast & Easy Delivery NY Times for as low as $3.15/Week
www.nytimes.com

**More Rupees per Dollar**
Get the most out of your dollars Remit funds to India online!
www.remit2india.com

**ABN AMRO NRI Investment**
Services By Certified Relationship Manager. Hurry, Special offer!
www.abnamro.co.in

**Birthday Newspaper**
For any year. Framed & Personalized Facts, prices, songs, movies.
www.overthehillgifts.com

Ads by Goooooogle Advertise on this site

©2004 Dharitri All Rights Reserved.
Send all feedback / comments to **webmail@dharitri.com**.
Advertisement inquiries contact **advt@dharitri.com**.